Candidate must not write on this margin.

| CSM—53/24 |
| --- |
| PART—II / PAPER—VII |
| PHILOSOPHY |
| ଦର୍ଶନ ଶାସ୍ତ୍ର |
| PAPER—II |

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

## GROUP—A

## ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Compare and contrast the cognitivist and non-cognitivist account of religious language. Does the cognitivist concept lead to any contradiction?

ଧାର୍ମିକ ଭାଷାର ଜ୍ଞାନବାଦୀ (cognitivist) ଓ ଅଣଜ୍ଞାନବାଦୀ (non-cognitivist) ବିବରଣୀ ତୁଳନା କର ଓ ପାର୍ଥକ୍ୟ ଦର୍ଶାଅ । ଜ୍ଞାନବାଦୀ ଧାରଣା କୌଣସି ବିରୋଧାଭାସ ସୃଷ୍ଟି କରେ କି?

2. "Sex is a biological category whereas gender is a culturally shaped experience of sexual difference." Comment on the statement in the context of gender equality.

"ସ୍ତ୍ରୀ ପୁରୁଷ ଭେଦ ଏକ ଜୈବିକ ବର୍ଗୀକରଣ ଅପର ପକ୍ଷରେ ସ୍ତ୍ରୀ ପୁରୁଷ ଭିନ୍ନତା ଭିତ୍ତିରେ ଲିଙ୍ଗ ହେଉଛି ଏକ ସଂସ୍କୃତି ସମ୍ଭୂତ ଅନୁଭବ ।" ଲିଙ୍ଗ ସମାନତା ପରିପ୍ରେକ୍ଷୀରେ ଏହା ଉପରେ ମତାମତ ପ୍ରଦାନ କର ।

3. Comment on Paul Tillich's statement : "symbolic language alone is able to express the ultimate." How do symbols differ from literal language?

"କେବଳ ପ୍ରତୀକାତ୍ମକ ଭାଷା ହିଁ ପରମକୁ ପ୍ରକାଶ କରି ପାରିବ ।" Paul Tillich ଙ୍କ ଏ ଉକ୍ତି ଉପରେ ଆଲୋଚନା କର । ପ୍ରତୀକ କିପରି ଆକ୍ଷରିକ ଭାଷାଠାରୁ ସ୍ୱତନ୍ତ୍ର, ତାହା ବର୍ଣ୍ଣନା କର ।

4. Assess the various philosophical approaches pertaining to humanity's relationship to the environment. Describe how anthropocentric principles pose problem to deep ecological movements.

ପରିବେଶ ସହ ମାନବର ସମ୍ପର୍କ ସମ୍ବନ୍ଧୀୟ ବିଭିନ୍ନ ଦାର୍ଶନିକ ପଦ୍ଧତିଗୁଡ଼ିକ ମୂଲ୍ୟାୟନ କର । ଗଭୀର ପରିବେଶଗତ ଆନ୍ଦୋଳନ କ୍ଷେତ୍ରରେ ନୃତାତ୍ତ୍ୱିକ (Anthropocentric principles) ନିୟମାବଳୀ କିପରି ସମସ୍ୟା ସୃଷ୍ଟି କରେ, ତାହା ଆଲୋଚନା କର ।

5. Discuss the logical significance of St. Thomas Aquinas' proofs for the existence of God. Justify the theories in the light of your own opinion.

ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରସଙ୍ଗରେ St. Thomas Aquinasଙ୍କ ତାର୍କିକ ମହତ୍ତ୍ୱ ଆଲୋଚନା କର । ନିଜର ଦୃଷ୍ଟିକୋଣରୁ ଏହି ତତ୍ତ୍ୱଗୁଡ଼ିକ ବ୍ୟାଖ୍ୟା କର ।

6. Examine the difference between legal rights and moral rights. Can there be legal rights that are morally wrong? Justify your answer.

ଆଇନଗତ ଅଧିକାର ଓ ନୈତିକ ଅଧିକାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ଏପରି କେତେକ ଆଇନଗତ ଅଧିକାର ଅଛି କି ଯାହା ନୈତିକ ଦୃଷ୍ଟିରୁ ଭୁଲ ମନେହୁଏ ? ଏହାର ଯଥାର୍ଥତା ପ୍ରଦାନ କର ।

**Candidate must not write on this margin.**

**7.** Do animals have moral rights? Justify animal rights in the context of moral status of animals.

ପ୍ରାଣୀମାନଙ୍କର ନୈତିକ ଅଧିକାର ଅଛି କି? ପ୍ରାଣୀମାନଙ୍କ ନୈତିକ ସ୍ଥିତି ପରିପ୍ରେକ୍ଷୀରେ ପ୍ରାଣୀ ଅଧିକାରର ଯଥାର୍ଥତା ପ୍ରମାଣ କର ।

**8.** Which principle of justice, in your view, be most helpful in addressing the issues related to caste discrimination and why?

ଜାତିଭେଦ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କ୍ଷେତ୍ରରେ ଆପଣଙ୍କ ଦୃଷ୍ଟିରେ ନ୍ୟାୟର କେଉଁ ନୀତି ସହାୟକ ହେବ ଏବଂ କାହିଁକି?

**9.** *A priori* arguments for God's existence more pervasive than posterior arguments. Discuss the statement in the context of Kant's proof for the existence of God.

ଈଶ୍ୱରଙ୍କ ଅସ୍ତିତ୍ୱପାଇଁ ପରବର୍ତ୍ତୀ (posterior) ଯୁକ୍ତି ଅପେକ୍ଷା ସମ୍ଭାବ୍ୟ (*A priori*) ଯୁକ୍ତି ଅଧିକ ବ୍ୟାପକ । ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ କାଣ୍ଟଙ୍କ ପ୍ରମାଣ ପରିପ୍ରେକ୍ଷୀରେ ଏ ମନ୍ତବ୍ୟ ଆଲୋଚନା କର ।

**10.** The problem of evil is one of the central questions in philosophy of religion. How does it become a challenge for the existence of God? Explain your own view.

ଧର୍ମ ଦର୍ଶନରେ ପ୍ରମୁଖ ପ୍ରଶ୍ନଗୁଡ଼ିକ ମଧ୍ୟରେ ମନ୍ଦର ସମସ୍ୟା ହେଉଛି ଗୋଟିଏ ପ୍ରଶ୍ନ । ଏହା କିପରି ଈଶ୍ୱରଙ୍କ ଅସ୍ତିତ୍ୱ ପାଇଁ ଏକ ଆହ୍ୱାନ ହୋଇଥାଏ? ନିଜର ମତାମତ ଦିଅ ।

**11.** Examine the relation between mystical experience and revelation. Expound their significance in religious life.

ରହସ୍ୟମୟ ଅଭିଜ୍ଞତା ଓ ପ୍ରକଟିତ ସତ୍ୟ (revelation) ମଧ୍ୟରେ ସମ୍ପର୍କ ଦର୍ଶାଅ । ଧାର୍ମିକ ଜୀବନରେ ସେଗୁଡ଼ିକର ମହତ୍ତ୍ୱ ବର୍ଣ୍ଣନା କର ।

**12.** Elucidate the personalistic and impersonality notion of God. Do these conceptions come in tune with the naturalistic theories?

ଈଶ୍ୱରଙ୍କ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ ଧାରଣା ଆଲୋଚନା କର । ପ୍ରକୃତିବାଦୀ ତତ୍ତ୍ୱ ସହିତ ଏଗୁଡ଼ିକର କିଛି ସାମଞ୍ଜସ୍ୟ ଅଛି କି?

**Candidate must not write on this margin.**

## GROUP—B

## ଗ୍ରୁପ୍—B

*Candidates to attempt* **05 *(five)*** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** According to William James, what are the three criteria to judge the validity of religious experience? How does he consider the pragmatic criterion as important to prove validity of religious experience?

ୱିଲିୟମ୍ ଜେମ୍ସଙ୍କ ମତରେ ଧାର୍ମିକ ଅଭିଜ୍ଞତାର ବୈଧତା ବିଚାର କରିବାପାଇଁ ତିନି ମାନଦଣ୍ଡ କ'ଣ? ଧାର୍ମିକ ଅଭିଜ୍ଞତାର ବୈଧତା ପ୍ରମାଣ କରିବା ପାଇଁ ସେ ବାସ୍ତବ ନିର୍ଣ୍ଣାୟକ ନୀତିକୁ କିପରି ପ୍ରାଧାନ୍ୟ ଦେଇଛନ୍ତି?

**14.** Examine Immanuel Kant's notion of duty. Explain how his concept of duty comes in opposition to the consequentialist theories. Analyze your answer in the light of the concept of rights.

ଇମାନୁଏଲ୍ କାଣ୍ଟଙ୍କ କର୍ତ୍ତବ୍ୟ ଧାରଣା ସମ୍ପର୍କରେ ଚର୍ଚ୍ଚା କର । ତାଙ୍କର କର୍ତ୍ତବ୍ୟ ଧାରଣା କିପରି ପରିଣାମବାଦୀ ତତ୍ତ୍ୱର ବିରୁଦ୍ଧାଚରଣ କରେ ତାହା ବର୍ଣ୍ଣନା କର । ଅଧିକାର ଧାରଣା ପରିପ୍ରେକ୍ଷୀରେ ଉତ୍ତର ଦିଅ ।

**15.** "Death is granted only in rarest of rare cases." Analyze the statement in the context of capital punishment. Express your opinion.

"କେବଳ ବିରଳତମ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଦିଆଯାଏ ।" ପ୍ରାଣଦଣ୍ଡ ପରିପ୍ରେକ୍ଷୀରେ ଏ ମନ୍ତବ୍ୟ ବିଶ୍ଳେଷଣ କର । ଏଥି ସହିତ ନିଜର ମତାମତ ପ୍ରଦାନ କର ।

**16.** "Human reason is the key element in social contract theories." Examine the statement in the context of social contract theory of Thomas Hobbes.

"ସାମାଜିକ ଚୁକ୍ତି ତତ୍ତ୍ୱରେ ମାନବିକ କାରଣ ହେଉଛି ପ୍ରମୁଖ ଉପାଦନ ।" ଥମାସ୍ ହବ୍ସଙ୍କ ସାମାଜିକ ଚୁକ୍ତି ତତ୍ତ୍ୱ ପରିପ୍ରେକ୍ଷୀରେ ଏ ମନ୍ତବ୍ୟର ସତ୍ୟତା ଦର୍ଶାଅ ।

**Candidate must not write on this margin.**

Candidate must not write on this margin.

**17.** Give an account of different belief systems. How does a belief system come in contrast with a personal belief system? Give illustrations for your answer.

ବିବିଧ ବିଶ୍ୱାସ ପ୍ରଣାଳୀ ସମ୍ପର୍କରେ ଆଲୋଚନା କର । ଗୋଟିଏ ବିଶ୍ୱାସ ପ୍ରଣାଳୀ କିପରି ଜଣେବ୍ୟକ୍ତିଙ୍କ ବ୍ୟକ୍ତିଗତ ବିଶ୍ୱାସ ପ୍ରଣାଳୀ ସହିତ ବିରୋଧାଭାସ ସୃଷ୍ଟିକରେ? ଉଦାହରଣ ସହ ଉତ୍ତର ଦିଅ ।

**18.** "Language has been regarded as the manifestation of the sacred." Analyze various approaches to religious languages and justification of the above statement.

"ପବିତ୍ରତାର ପରିପ୍ରକାଶକ ଭାବରେ ଭାଷାକୁ ଚିହ୍ନିତ କରାଯାଏ ।" ଧାର୍ମିକ ଭାଷା ପ୍ରତି ବିଭିନ୍ନ ଦୃଷ୍ଟିକୋଣ ଏବଂ ଏହି ବକ୍ତବ୍ୟର ଯଥାର୍ଥତା ପ୍ରତିପାଦନ କର ।

★★★

## SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.

SEAL

SEAL



CONFIDENTIAL